# ମୟୂରଭଂଜର ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ

ପ୍ରଫେସର ପ୍ରଦୀପ କୁମାର ଗିରି

ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ଭାରତର ସ୍ୱାଧୀନତା ସଂଗ୍ରାମ ନୂତନ ରୂପ ନେଲା । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ତୀବ୍ରତର ହେଲା । ଭାରତର ଜନସାଧାରଣ ଜାତୀୟତା ଭାବନାରେ ଉଦ୍‌ବୁଦ୍ଧ ହେଲେ । ଓଡିଶାର ବିଭିନ୍ନ ପୁରପଲ୍ଲୀରେ ଶିକ୍ଷା ଓ ଯୋଗାଯୋଗ ସନ୍ତୋଷଜନକ ନଥିବାରୁ ଜାତୀୟ ଉଲ୍ଲାସର ଭାବନା ଟିକିଏ ମନ୍ଥର ଗତିରେ ବ୍ୟାପି ଥିଲା । ଏ କ୍ଷେତ୍ରରେ ମୟୂରଭଂଜ ପରି ଗଡଜାତ ରାଜ୍ୟରେ ଶିକ୍ଷା ବ୍ୟାପକ ନଥିଲା । ଆଦିବାସୀ ବହୁଳ ରାଜ୍ୟରେ ପ୍ରତିକ୍ରିୟା ପାଇଁ ସମୟ ଆବଶ୍ୟକ ଥିଲା । ତେବେ ମୟୂରଭଂଜର ଅନେକ ପ୍ରକାର ସମସ୍ୟା ଥିଲା । ଊନବିଂଶ ଶତାବ୍ଦୀରେ ଦେଶରଲୋକ ଓ ହାଟୁଆଙ୍କ ମଧ୍ୟରେ ସାମାଜିକ ସଂଘର୍ଷ ଦେଖା ଦେଇଥିଲା । ଜମି, କୃଷି ଓ କୃଷକମାନଙ୍କୁ କେନ୍ଦ୍ର କରି ସମସ୍ୟା ଥିଲା । କଂଗ୍ରେସ ଯେଉଁ ଲୋକ ତାନ୍ତ୍ରିକ ସରକାର ପାଇଁ ଦାବି କରୁଥିଲା, ତାହା ମୟୂରଭଂଜରେ ନଥିଲା । ଯେଉଁ କେତେକ ଅନୁଷ୍ଠାନ ଅଭ୍ୟନ୍ତରର ପୃଷ୍ଠପୋଷକତାରେ ସ୍ଥାପିତ ହୋଇଥିଲା, ସେଥିରେ ପ୍ରଚଳିତ ଲୋକତନ୍ତ୍ର ଓ କଂଗ୍ରେସର ପରିକଳ୍ପିତ ଲୋକତନ୍ତ୍ର ଭିତରେ ପାର୍ଥକ୍ୟ ଥିଲା । ଏପରି ଅନେକ କାରଣରୁ ବ୍ରିଟିଶ ଶାସିତ ଅଂଚଳରେ ଜାତୀୟ କଂଗ୍ରେସ ଦ୍ୱାରା ଅନୁପ୍ରାଣିତ ହୋଇ ଯେଉଁ ସ୍ୱାଧୀନତା ଆନ୍ଦୋଳନ କ୍ରମେ ତେଜିଆନ ହେଲା ଗଡଜାତରେ ସାମାଜିକ ପରିବର୍ତ୍ତନ ପାଇଁ ଆଶାନୁରୂପ ଜନଆନ୍ଦୋଳନ ଏହିପରି ବିଚଳିତ ହୋଇଥିଲା । ଏହାହିଁ ପ୍ରଜାମଣ୍ଡଳ ଆନ୍ଦୋଳନ ଭାବରେ ପରିଗଣିତ ହେଲା ।

ମୟୂରଭଂଜର ସମାଜ ବ୍ୟବସ୍ଥା ସାମନ୍ତବାଦୀ ଥିଲା । ଶ୍ରୀରାମଚନ୍ଦ୍ର ଭଂଜଙ୍କ ରାଜତ୍ୱରେ ୧୮୯୫ରେ ବେଠି, ମାଗଣ, ରସଦ ପ୍ରଭୃତି ସାମନ୍ତବାଦୀ ଶୁଳ୍କ ଆଦାୟ କରିବା ନିଷେଧ ହୋଇଥିଲେ ମଧ୍ୟ ରାଜତ୍ୱ ବିଭାଗ କର୍ମଚାରୀମାନେ ସମୟ ସମୟରେ ନିଷିଦ୍ଧ ଶୁଳ୍କ ଆଦାୟ କରୁଥିଲେ । ସର୍ଦ୍ଦାରମାନେ ସାଧାରଣତଃ ସଂପତ୍ତି ଲୋଭୀ ଥିଲେ । ନିଜର ସଂପତ୍ତି ବୃଦ୍ଧି କରିବା ସେମାନଙ୍କର ଲକ୍ଷ୍ୟ ଥିଲା । ପ୍ରତିବର୍ଷ ଦଶହରା, ଦୋଳପର୍ବ, ଚୈତ୍ରପର୍ବ ଏବଂ ସୁନିଆଁ ଆଦି ଉତ୍ସବରେ ପ୍ରଜାମାନେ ରାଜାଙ୍କୁ ଭେଟି ଦେଉଥିଲେ । ରାଜାଙ୍କ ଜନ୍ମ ଦିନରେ ଉପହାର ଦେବାର ପରଂପରା ଥିଲା । ଯଶିପୁର ଅଂଚଳରେ ପ୍ରତ୍ୟେକ ପରିବାରକୁ ପାହିପଂଚା ଦେବାକୁ ପଡୁଥିଲା । ମୟୂରଭଂଜର ବିପୁଳ ଅରଣ୍ୟ ସଂପଦ ଥିଲେ ମଧ୍ୟ ହଳ, ଲଙ୍ଗଳ, ଶଗଡ ଗାଡି ତିଆରି ପାଇଁ ଗଛ କାଟିବା ସ୍ୱାଧୀନତା କୃଷକକୁ ମିଳୁ ନଥିଲା । ଜଂଗଲ ଜାତ ପଦାର୍ଥ, ମହୁଲ, ଶାଳମଂଜି, ଲାଖ, ମହୁ, ଝୁଣା ଆଦି ସଂଗ୍ରହ କରିବା ଅଧିକାର କେବଳ କଲିକତାର କଂପାନୀମାନେ ପାଉଥିଲେ । ବାରିପଦା ଅଂଚଳର ଶରତ ଦାସ ଯିଏକି 'ଶରତ ଗାନ୍ଧୀ' ନମରେ ଏ ଅଂଚଳରେ ପରିଚିତ ଥିଲେ, କିଛି ଦେଶପ୍ରେମୀ ଯୁବକମାନଙ୍କୁ ସଂଗଠିତ କରି ସେ ଏକ ସଭାର ଆୟୋଜନ କରି ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୩୯ ମସିହାରେ ଖୁଂଟା ଥାନାର ଧନାପନା ଗ୍ରାମରେ ଏକ ସାଧାରଣ ସଭାରେ କଂଗ୍ରେସର ଆଦର୍ଶ ଓ ଆନ୍ଦୋଳନର ଆବଶ୍ୟକତା ଓ ଗଡଜାତମାନଙ୍କରେ ରାଜତନ୍ତ୍ରର ବିଲୋପ ପାଇଁ ଭାଷଣ ପ୍ରଦାନ କରିଥିଲେ । ତଦ୍ୱାରା ମୟୂରଭଂଜରେ ଏକ ନୂତନ ଜନଜାଗରଣ ଦେଖାଦେଲା । ଏପରିକି ନିରୀହ ଆଦିବାସୀମାନେ ମଧ୍ୟ ଆନ୍ଦୋଳନ ପାଇଁ ଆଗ୍ରହ ପ୍ରକାଶ କଲେ । କପ୍ତିପଦା ସବ୍‌ଡିଭିଜନର ମଉଦା, ଜଇଦା, ସାଇଁକୁଲା, କାଶୀପୁର ତୋଟା, ମାର୍ସିଗାଁ ଏବଂ ପଂଚପୀଢ ସବ୍‌ଡିଭିଜନର ଭଂଜକିଆରେ ସଭାସମିତି ଜରିଆରେ ପ୍ରଜାମଣ୍ଡଳ ଆନ୍ଦୋଳନ ସଂପର୍କରେ ଚେତନା ପ୍ରସାରିତ ହେଲା ।

୧୯୩୯ ମାର୍ଚ୍ଚ ୨୬ ତାରିଖ ଥିଲା ମୟୂରଭଂଜ ପାଇଁ ଅବିସ୍ମରଣୀୟ ଦିନ, ଏହାଥିଲା ଶରତ ବାବୁଙ୍କ ଜୀବନର ଏକ

ମହାନ ତ୍ୟାଗପୂର୍ଣ୍ଣ ନିଷ୍ପତ୍ତି ଓ ମୟୂରଭଂଜରେ ଜନ ଆନ୍ଦୋଳନକୁ ଏହା ନୂତନ ଉତ୍ସାହ ପ୍ରଦାନ କରିଥିଲା ।

୧୯୩୮ ମସିହା ସମୟ ବେଳକୁ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଓଡିଶା ଗଡଜାତ ରାଜ୍ୟ ଅନୁସନ୍ଧାନ କମିଟି ଗଠନ ହେଲା । କ୍ରମେ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣର ପରିବର୍ତ୍ତନ ହେଲା । ଭାରତର ଅନ୍ୟ କେଉଁଠି ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ନଥିଲା ବେଳେ ମୟୂରଭଂଜରେ ଏପରି ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଦଳରେ ପ୍ରଜାମଣ୍ଡଳର ଲକ୍ଷ୍ୟସାଧନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା । ୧୯୪୨ ମସିହା ବେଳକୁ ସାରା ଭାରତ ସେତେବେଳେ ଭାରତଛାଡ ଦାବୀର ଦୁନ୍ଦୁଭି ନାଦରେ ପ୍ରତିଧ୍ୱନିତ ହେଉଥିଲା । ଜାତୀୟ ସଂଗ୍ରାମର ନେତାମାନେ ପୂର୍ଣ୍ଣ ସ୍ୱରାଜ ପାଇଁ ହୁଂକାର ଦେଉଥିଲେ । ସହସ୍ରାଧିକ ସଂଖ୍ୟାରେ ଦେଶପ୍ରେମୀମାନେ କାରାବରଣ କରୁଥିଲେ ଓ ପୋଲିସ ଜୁଲୁମର ସମ୍ମୁଖୀନ ହେଉଥିଲେ । ଓଡିଶାର ଗଡଜାତ ରାଜ୍ୟମାନଙ୍କରେ ସାମନ୍ତବାଦ ବିରୋଧୀ ଆନ୍ଦୋଳନ ତ୍ରୀବତର ହେଉଥିଲା । ଭାରତଛାଡ ଆନ୍ଦୋଳନକୁ ପ୍ରଜାମଣ୍ଡଳ କର୍ମୀମାନେ ଆଗ୍ରହର ସହିତ ଆପଣାର କରିଥିଲେ । ୧୯୪୨ ମସିହା ଅଗଷ୍ଟ ୧୬ ତାରିଖ ଦିନ ମାଣିଦାଠାରେ ପ୍ରବଳ ବର୍ଷା ସତ୍ତ୍ୱେ ପ୍ରାୟ ଦଶ ହଜାର ଦେଶପ୍ରେମୀ ଭାରତଛାଡ ପ୍ରସ୍ତାବ ଗ୍ରହଣ କରିଥିଲେ । ପ୍ରାୟ କୋଡିଏ ହଜାରରୁ ଅଧିକ ଲୋକ ଖୁଂଟାଠାରୁ ଉଦଳା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଭାରତଛାଡ ସ୍ଲୋଗାନକୁ ପ୍ରତିଧ୍ୱନିତ କରିଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ପରେ ଭାରତର ଦେଶୀୟ ରାଜାମାନଙ୍କ ମଧ୍ୟରେ ମୟୂରଭଂଜ ପ୍ରଥମେ ରାଜତନ୍ତ୍ର ଶାସନ ବଦଳରେ ଲୋକପ୍ରିୟ ଦାୟିତ୍ୱପୂର୍ଣ୍ଣ ସରକାର ଓ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ଆରମ୍ଭ କରିଥିଲା । ଅହିଂସା ନୀତି ଅନୁସରଣ କରି ପ୍ରଜାମଣ୍ଡଳ ନେତା ଶରତ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ କ୍ଷମତା ହସ୍ତାନ୍ତର ହେବା ଏକ ଐତିହାସିକ ଘଟଣା ଥିଲା । ୧୯୪୭ ଡିସେମ୍ବର ୯ ତାରିଖ ଦିନ ଏକ ତିନି ଜଣିଆ ମନ୍ତ୍ରିମଣ୍ଡଳ ଶରତ ଚନ୍ଦ୍ର ଦାସ, ବିଦ୍ୟାଧର ମହାପାତ୍ର ଓ ମହେଶ୍ୱର ନାୟକଙ୍କୁ ନେଇ ଗଠିତ ହେଲା । ସେମାନଙ୍କ ମଧ୍ୟରେ ବିଭାଗ ବଂଟନ କରାଗଲା । ତା' ସହିତ ଭବିଷ୍ୟତର ଶାସନ ଖସଡା ତିଆରି କରିବା ପାଇଁ ଏକ ସମ୍ବିଧାନ ସଭା ପ୍ରସ୍ତୁତ ହେଲା । ଭାରତ ଅନ୍ତର୍ଭୁକ୍ତ ରାଜ୍ୟ ଭାବରେ ମୟୂରଭଂଜ ନିଜର ସ୍ୱତନ୍ତ୍ର ସ୍ଥିତି ଅକ୍ଷୁଣ୍ଣ ରଖିବା ମଧ୍ୟ ସ୍ଥିରୀକୃତ ହେଲା । ଡିସେମ୍ବର ୧୦ ତାରିଖ ଦିନ ଉପରୋକ୍ତ ମନ୍ତ୍ରିମଣ୍ଡଳ ହାତରେ ମହାରାଜା ଶାସନ ଦାୟିତ୍ୱ ଅର୍ପଣ କରିଥିଲେ । ଏହା ମୟୂରଭଂଜ ପ୍ରଜା ମଣ୍ଡଳର ଏକ ଶ୍ରେଷ୍ଠ ସଫଳତା ଥିଲା । ଦୀର୍ଘ ୧୦ ବର୍ଷର ରାଜନୈତିକ ଜନଆନ୍ଦୋଳନର ଶାନ୍ତିପୂର୍ଣ୍ଣ ଅବସାନ ହେଲା ଯେଉଁଥି ପାଇଁ ପ୍ରଧାନମନ୍ତ୍ରୀ ଶରତ ଦାସଙ୍କୁ ଭାରତର ବରେଣ୍ୟ ନେତା ଡଃ ରାଜେନ୍ଦ୍ର ପ୍ରସାଦ ଓ ପଣ୍ଡିତ ଜବାହରଲାଲ ନେହେରୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ ।

### ସ୍ୱାଧୀନତା ସଂଗ୍ରାମ

ଭଂଜ ରାଜାମାନେ ସାଧାରଣତଃ ପ୍ରଜା ବତ୍ସଳ, ପ୍ରଗତିବାଦୀ ଓ ଉଦାର ଥିବାରୁ ରାଜତନ୍ତ୍ର ବିରୋଧରେ କୌଣସି ତିକ୍ତ ଅନୁଭୂତି ମୟୂରଭଂଜବାସୀଙ୍କର ନଥିଲା । ଅନେକ ଉଚ୍ଚ ଶିକ୍ଷିତ ବଙ୍ଗୀୟ ଯୁବକ, ଆଇନଜ୍ଞ, ବୁଦ୍ଧିଜୀବୀ, ଚିକିତ୍ସକ, ବିଚାରପତି ଓ ପ୍ରଶାସକ ଭାବରେ ମୟୂରଭଂଜର ସ୍ଥାୟୀ ଅଧିବାସୀ ହୋଇଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଳ୍ପଦିନ ପାଇଁ ଯେଉଁ ସନ୍ତ୍ରାସବାଦ ବଙ୍ଗ ପ୍ରଦେଶରେ ମୁଣ୍ଡ ଟେକିଥିଲା ଓ ତା'ର କ୍ଷଣିକ ସ୍ପର୍ଶ ବାଲେଶ୍ୱର ମାଧ୍ୟମରେ ମୟୂରଭଂଜ ଅନୁଭବ କରିଥିଲା ସତ କିନ୍ତୁ ବାଘାଯତୀନ ଘଟଣା ପରେ ତା'ର ଅନ୍ୟ କୌଣସି ସତ୍ତା ଦେଖା ଦେଇନଥିଲା । ମୟୂରଭଂଜରେ ପ୍ରଚଳିତ ରାଜତନ୍ତ୍ର ଶାସନ ଲୋକହିତକର ହୋଇଥିଲେ ମଧ୍ୟ ସେଥିରେ କେତେକ ତ୍ରୁଟି ରହିଯାଇଥିଲା । ଶିକାର ସମୟରେ ବେଠି ପ୍ରଥାର ପ୍ରଚଳନ, ପୋଲିସ, ଫରେଷ୍ଟର, ପ୍ରଧାନ ଓ ସର୍ଦ୍ଦାରମାନଙ୍କର ଜୁଲୁମ ସମୟ ସମୟରେ ଜନସାଧାରଣଙ୍କୁ ଅତିଷ୍ଠ କରୁଥିଲା । ସ୍ୱାଧୀନତା ହାସଲ ପାଇଁ ଦେଶବାସୀଙ୍କ ମନରେ ପ୍ରବଳ ଉତ୍ସାହ ଓ ଜାଗରଣ ସହ ଲବଣ ସତ୍ୟାଗ୍ରହ ଯେଉଁ ଗଣଆନ୍ଦୋଳନର ରୂପନେଲା, ତା'ର ପ୍ରଭାବ ମୟୂରଭଂଜବାସୀଙ୍କ ଉପରେ ପଡିବା ସ୍ୱାଭାବିକ ଥିଲା । ତଦ୍ୱାରା ପ୍ରଭାବିତ ହୋଇ ବେଲାଣପୁର ଗ୍ରାମର ଗୌର ମୋହନ ପ୍ରଧାନ, କୁଣ୍ଡାପଡା ଗ୍ରାମର ପଂଚାନନ ରାଇସିଂ, ପଟିସାରି ଗ୍ରାମର ମନମୋହନ ଦ୍ୱିବେଦୀ, କ୍ଷୀରିପଦାର ସନାତନ ପ୍ରଧାନ ଆଦି ଲବଣ ସତ୍ୟାଗ୍ରହରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଲବଣ ସତ୍ୟାଗ୍ରହୀମାନେ ନିଜ ନିଜ ଗ୍ରାମକୁ ଫେରିବା ପରେ ସ୍ୱାଧୀନତା ଆନ୍ଦୋଳନର ତୀବ୍ରତା ମୟୂରଭଂଜରେ ବୃଦ୍ଧି ପାଇଲା । ତା'ସହ ନୀଳଗିରି, ଢେଙ୍କାନାଳ, ରଣପୁର ଓ ତାଳଚେର ଆଦି ଗଡଜାତ ରାଜ୍ୟରେ ଚାଲିଥିବା ସାମନ୍ତବାଦ ବିରୋଧୀ ପ୍ରଜା ମଣ୍ଡଳ ଆନ୍ଦୋଳନର ସମ୍ବାଦମାନ ପ୍ରଚାରିତ ହୋଇଥିଲା । ପାଂଚପୀଢ ସବ୍‌ଡିଭିଜନରେ ଆନ୍ଦୋଳନର ପ୍ରଚାରକ ଥିଲା ଭଂଜକିଆ ନିବାସୀ ଶିବପ୍ରସାଦ ମହାପାତ୍ର, ରରୁଆଁ ଗ୍ରାମର ଭକ୍ତବନ୍ଧୁ ମହାନ୍ତି । ଏମାନଙ୍କ ସହିତ ରାମଚନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଭଗବାନ ବେହେରା, ଭଗବାନ ପରିଡା, ପଂଚାନନ ରାଇସିଂ ଇତ୍ୟାଦି ଆନ୍ଦୋଳନରେ


ଯୋଗ ଦେଇଥିଲେ । ମୟୂରଭଂଜରେ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ପୁରୋଧା ଥିଲେ ଦେଶପ୍ରେମୀ ଗାନ୍ଧୀବାଦୀ ନେତା ଶରତ ଚନ୍ଦ୍ର ଦାସ । ଜଣେ ବାଗ୍ମୀ ଓ ସୁଲେଖକ ଭାବରେ ତାଙ୍କର ଖ୍ୟାତି ଥିଲା । ଲୋକେ ତାଙ୍କୁ 'ମୟୂରଭଂଜ ଗାନ୍ଧୀ' ବୋଲି କହୁଥିଲେ । ଶରତ ଚନ୍ଦ୍ର ଦାସ ଯେଉଁ ପ୍ରଗଣା ସମିତିମାନ ଗଠନ କରିଥିଲେ, ତାହା ସ୍ୱାଧୀନତା ସଂଗ୍ରାମର ସମାନ୍ତରାଳ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଗତିଶୀଳ କରିଥିଲା । ଶରତ ବାବୁଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଜାତୀୟ ସଂଗ୍ରାମରେ ଯୋଗ ଦେଇଥିବା ତରୁଣ, ଉତ୍ସାହୀ ସଂଗ୍ରାମୀ ଦେଶଭକ୍ତମାନଙ୍କ ମଧ୍ୟରେ ଥିଲେ ପ୍ରସନ୍ନ କୁମାର ଦାସ, ଜଗନ୍ନାଥ କମିଲା, ଗିରିଶ ରାଏ ପ୍ରଭୃତି ଯୁବନେତାଙ୍କ ଉଦ୍ୟମରେ ଗଢି ଉଠିଥିବା ଗଡଜାତ ମୁକ୍ତି ସଂଗ୍ରାମର ଉଦ୍ଦେଶ୍ୟ ଥିଲା ଗଡଜାତ ରାଜ୍ୟମାନଙ୍କରୁ ସନ୍ତ୍ରାସବାଦ ବିଲୋପ, ସାମାଜିକ ନ୍ୟାୟ ପ୍ରତିଷ୍ଠା, ଦାୟିତ୍ୱଶୀଳ ସରକାର ଗଠନ ଓ ସର୍ବୋପରି ଇଂରେଜ ପ୍ରଶାସନର ଅବସାନ ଘଟାଇବା । ମୟୂରଭଂଜରେ ପ୍ରଚଳିତ ସର୍ଦ୍ଦାରି ପ୍ରଥାର ଉଚ୍ଛେଦ ପ୍ରଜାମଣ୍ଡଳର ମୁଖ୍ୟ ଲକ୍ଷ୍ୟ ଥିଲା । ମୟୂରଭଂଜରେ ଲୋକପ୍ରତିନିଧିମୂଳକ ଦାୟିତ୍ୱପୂର୍ଣ୍ଣ ଶାସନ ପ୍ରତିଷ୍ଠା ଦାବିକୁ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମହାରାଜା ଗ୍ରହଣ କରିଥିଲେ । ମହାରାଜା ଓ ଶରତ ବାବୁଙ୍କ ମଧ୍ୟରେ ପରସ୍ପର ପ୍ରତି ଶ୍ରଦ୍ଧା ଓ ବିଶ୍ୱାସପୂର୍ଣ୍ଣ ମାତ୍ରାରେ ଥିଲା । ମୟୂରଭଂଜର ପ୍ରଜାମଣ୍ଡଳକୁ ମୟୂରଭଂଜ ଷ୍ଟେଟ କଂଗ୍ରେସ ନାମରେ ନାମିତ କରାଯାଇଥିଲା । ସ୍ୱାଧୀନ ଭାରତରେ ରାଜତନ୍ତ୍ର ଶାସନର ଅବସାନ ସହିତ ମୟୂରଭଂଜ ଅଧିବାସୀଙ୍କ ଜୀବନରେ ଏକ ସାମ୍ବିଧାନିକ ଶାସନର ଶୁଭାରମ୍ଭ ହୋଇଥିଲା ।

ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ
ଇତିହାସ ବିଭାଗ
ଆର.ଡି.ଏସ. ଡିଗ୍ରୀ ମହାବିଦ୍ୟାଳୟ
କୁଣ୍ଡାବାଇ, ମୟୂରଭଂଜ

# ହେ ପ୍ରିୟ କଲାମ

ତ୍ରିଲୋଚନ ଦାସ

ଭାରତମାତାର ସୁଯୋଗ୍ୟ ସନ୍ତାନ
ସୁନିଦ୍ରାରେ ଗଲ ଶୋଇ
ହେ ମହାମାନବ ତୁମ ଅବସାନେ
ଦେଶ କାନ୍ଦେ କଇଁ କଇଁ ।
ଆଦର୍ଶ ଶିକ୍ଷକ ସୁଦକ୍ଷ ବିଜ୍ଞାନୀ
କ୍ଷେପଣାସ୍ତ୍ର ବିଜ୍ଞ ସ୍ରଷ୍ଟା
ରାଷ୍ଟ୍ରନାୟକ ହେ, ଅଭିଜ୍ଞ ବିଦ୍ଵାଣୀ
ଭାରତର ଦିବ୍ୟ ଦ୍ରଷ୍ଟା ।
ପୋଖରାନ୍‌ଠାରେ ପରମାଣୁ ଶକ୍ତି
କରିଥିଲ ପରୀକ୍ଷଣ
ଅଗ୍ନି ପୃଥ୍ୱୀନାଗ ଆଦି ତିଆରିଲ
ଭାଙ୍ଗିଦେଲ ଶତ୍ରୁ ଟାଣ ।
ନିରଳସ ଭାବେ କର୍ମ ସଂପାଦନ
ମହାମନ୍ତ୍ର ଜୀବନର
ଦେଶ ହିତ ଲାଗି ତିଳତିଳ ଜଳି
ଚାଲିଗଲ ସ୍ୱର୍ଗପୁର ।



ତୁମେ ହାରିନାହଁ ତୁମେ ମରିନାହଁ
ତୁମେ ଅଟ ମୃତ୍ୟୁଞ୍ଜୟ
ତୁମେ ତ ଦୁର୍ଜୟ ଆପଣା ପଣରେ
ନଥିଲାଟି ଡର ଭୟ ।
ଚାଲିଗଲ ତୁମେ ଛାଡି ଶୂନ୍ୟସ୍ଥାନ
ଏବେ ବି ଅଧୁରା ସ୍ୱପ୍ନ
ଯଦିବା ଛୁଇଁଛି ମୃତ୍ୟୁର କାଳିମା
ତୁମେ ତ ଚିର ଅମ୍ଳାନ ।
ହେ ଛାତ୍ର ବତ୍ସଳ ଶେଷ ମୁହୂର୍ତ୍ତରେ
ଛାତ୍ରମେଳେ ଥିଲ ରହି
ହେ ପ୍ରିୟ କଲାମ୍ ତୁମକୁ ସଲାମ୍
କୋଟି ହୃଦୟରେ ଥାଇ ।

ଶ୍ରୀବିହାର କଲୋନୀ
ଖୋର୍ଦ୍ଧା–୭୫୨୦୫୫